ତ୍ରୟୋଦଶ ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ।

କୃଷି,ଜଳସେଚନ ଓ ପାନୀୟ ଜଳ ଉପରେ ଗୁରୁତ୍ୱ ।

ଅନୁଗୋଳ,ତା.୪.୧୨:- ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଜ୍ଞାନ, ସାଧାରଣ ଉଦ୍ୟୋଗ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ତଥା ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆଜି ଅନୁଗୋଳ ଗସ୍ତରେ ଆସି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ତ୍ରୟୋଦଶ ଜିଲ୍ଲା ଯୋଜନା କମିଟି ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଲୋକମାନଂକ ନିକଟରେ ଆମେ ଉତରଦାୟୀ ହୋଇଥିବାରୁ ସେମାନଂକର ଆବଶ୍ୟକତା ଓ ଉପଲବ୍ଧ ଭିତିଭୂମି ଆଧାରରେ ଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି । ସ୍ଥାନୀୟ ଲୋକ ପ୍ରତିନିଧି ମାନଂକର ଉପାଦେୟ ପ୍ରସ୍ତାବକୁ ଦୃଷ୍ଟିରେ ରଖି ଜିଲ୍ଲାରେ କୃଷି,ଜଳସେଚନ ଓ ପାନୀୟ ଜଳ ଉପରେ ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବିଭାଗୀୟ ଅଧିକାରୀମାନେ ନିର୍ବାଚିତ ଲୋକପ୍ରତିନିଧି ମାନଂକ ସହ ଉପଯୁକ୍ତ ସମନ୍ୱୟ ରଖି ଏକ ବାସ୍ତବ ଓ ସହଭାଗିତା ଯୋଜନା ପ୍ରସ୍ତୁତ କରି ଆସନ୍ତା ୧୫ ଦିନ ମଧ୍ୟରେ ପ୍ରଦାନ କଲେ ପୁନର୍ବାର ଏକ ବୈଠକ ଡକାଯାଇ ଏହାକୁ ଅର୍ନ୍ତଭୁକ୍ତ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଏହି ବୈଠକରେ ଢେଂକାନାଳ ସାଂସଦ ଶ୍ରୀ ମହେଶ ସାହୁ ,ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ,ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା,ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ, ପାଲଲହଡା ବିଧାୟକ ଶ୍ରୀ ମୁକେଶ କୁମାର ପାଲ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଶାନ,ସମ୍ବଲପୁର ସାଂସଦଂକ ପ୍ରତିନିଧି ଶ୍ରୀ ପରେଶ କୁମାର ଦେଓ,ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନସଭାର ଉପବାଚସ୍ପତିଂକ ପ୍ରତିନିଧି ଶ୍ରୀ ପ୍ରିୟଦର୍ଶୀ ପଟ୍ଟନାୟକ ଓ ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଶ୍ରୀ ଗଂଗାଧର ଜିତ୍ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସମସ୍ତଂକୁ ସ୍ୱାଗତ ଜଣାଇବା ସହ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତୁତ ହୋଇଥିବା ଯୋଜନାର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ୨୦୧୯-୨୦ ଆର୍ଥୀକ ବର୍ଷ ପାଇଁ ବିଭିନ୍ନ ବିଭାଗର ପ୍ରକଳ୍ପ ବାବଦରେ ୧୮୨୨ କୋଟି ୪୩ ଲକ୍ଷ ଟଂକାର ବ୍ୟୟ ଅଟକଳ କରାଯାଇଛି । ଏଥିରେ ରାଜ୍ୟର ଅଂଶଧନ ୧୫୯୧ କୋଟି ୮୨ ଲକ୍ଷ ଥିବାବେଳେ କେନ୍ଦ୍ରିୟ ଅଂଶଧନ ୨୩୦ କୋଟି ୬୧ଲକ୍ଷ ରହିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ବୈଠକରେ ଯୋଗ ଦେଇଥିବା ସଦସ୍ୟମାନେ ଲୋକମାନଂକ ହିତରେ ତୃଣମୂଳ ସ୍ତରରେ ଯୋଜନା ପ୍ରସ୍ତୁତ କରିବା,ମୋ ସରକାରରେ '5T' କୁ ସଫଳତାର ସହ କାର୍ଯ୍ୟକାରୀ କରି ଜିଲ୍ଲାର ସର୍ବାଂଗୀନ ବିକାଶ କରିବା, ସମଲ ବ୍ୟାରେଜରୁ ତାଳଚେର ଓ ରେଂଗାଳୀ ଜଳସେଚନ ପ୍ରକଳ୍ପରୁ ଛେଣ୍ଡିପଦାକୁ ଚାଷ ପାଇଁ ଜଳସେଚନ ବ୍ୟବସ୍ଥା କରିବା, ବିଭିନ୍ନ ସରକାରୀ ଯୋଜନାକୁ ଜନସାଧାରଣଂକ ନିକଟରେ ପହଂଚାଇବା ନିମନ୍ତେ ବିଭାଗଗୁଡିକ ନିଜ ନିଜ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖିବା,ଜିଲ୍ଲା ବିସ୍ତୃତ ଯୋଜନା ମାଧ୍ୟମରେ ତୃଣମୂଳ ସ୍ତରରୁ ଲୋକଂକ ଆବଶ୍ୟକତାକୁ ନେଇ ଯୋଜନା ପ୍ରସ୍ତୁତ କରିବା ଓ ରାଷ୍ଟ୍ରାୟତ ଉଦ୍ୟୋଗଗୁଡିକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ଉପରେ ମତାମତ ଦେଇଥିଲେ । ଶେଷରେ ଜିଲ୍ଲା ଯୋଜନା କମିଟିର ଉପାଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଲତା ସାହୁ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଶ୍ରୀ ରବିନ୍ଦ୍ରନାଥ ନାୟକ ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ । ଏହି ବୈଠକରେ ବିଭିନ୍ନ ପଂଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷା,ଜିଲ୍ଲା ପରିଷଦର ସଦସ୍ୟ ଓ ସଦସ୍ୟାଂକ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।


ତ୍ରୟୋଦଶ ଜିଲ୍ଲା ଯୋଜନା କମିଟି ବୈଠକ
ଅନୁଗୋଳ
ତା- ୦୪.୧୨.୨୦୧୯